# NATIONAL NEWS BULLETIN (ODIA)

## 14 September - 2025

## Morning Bulletin : 7.19 A.M.

*********************************

## ମୁଖ୍ୟ ସମ୍ବାଦ

- ଆସାମରେ ଆଜି ୧୮ହଜାର କୋଟିରୁ ଅଧିକ ଟଙ୍କା ମୂଲ୍ୟର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଆନ୍ଧ୍ରପ୍ରଦେଶରେ ଆଜିଠାରୁ ଆରମ୍ଭ ହେବ ସଂସଦ ଓ ବିଧାନସଭାର ମହିଳା ସଶକ୍ତିକରଣ କମିଟିର ଦୁଇଦିନିଆ ସମ୍ମିଳନୀ ।
- ବିଭିନ୍ନ ଭାରତୀୟ ଭାଷା ମଧ୍ୟରେ ସମନ୍ୱୟ ବୃଦ୍ଧି ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ହିନ୍ଦୀ ଦିବସ ।
- ବୈଷ୍ଣୋଦେବୀ ଯାତ୍ରା ଖରାପ ପାଗ ଯୋଗୁଁ ପୁଣି ସ୍ଥଗିତ ।

ଏବଂ

- ଏସିଆକପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ ।

# ପିଏମ୍ ଆସାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମରେ ୧୮ହଜାର ୫୩୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଓ ଶିଳ୍ପ ବିକାଶ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଦାରଙ୍ଗରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଦାରଙ୍ଗ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଏନ୍‌ଏମ୍ ସ୍କୁଲ ଓ ବିଏସ୍‌ସି ନର୍ସିଂ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହାଦ୍ୱାରା ସଂପୃକ୍ତ ଅଞ୍ଚଳରେ ମେଡ଼ିକାଲ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ହୋଇପାରିବ । ଶ୍ରୀ ମୋଦୀ ସହରାଞ୍ଚଳ ଗମନାଗମନ ବିକାଶ ନିମନ୍ତେ ଗୌହାଟୀ ରିଙ୍ଗରୋଡ଼ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିବେ । ଏହାବ୍ୟତୀତ ବ୍ରହ୍ମପୁତ୍ର ନଦୀ ଉପରେ କୁରୁଓ୍ୱା-ନାରେଙ୍ଗି ସେତୁର ମଧ୍ୟ ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହାଦ୍ୱାରା ସଂପୃକ୍ତ ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ବିକାଶ ହେବା ସହ ଦୃଢ଼ ସଂଯୋଗୀକରଣ ସ୍ଥାପନ ହୋଇପାରିବ ।

ପରେ ଶ୍ରୀ ମୋଦୀ ଗୋଲାଘାଟସ୍ଥିତ ନୁମାଲିଗଡ ରିଫାଇନରି ପ୍ଲାଣ୍ଟରେ ଆସାମ ବାୟୋଏଥାନଲ ପ୍ଲାଣ୍ଟର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ସ୍ୱଚ୍ଛଶକ୍ତି ଏବଂ ଜୀବାସ୍ମ ଇନ୍ଧନ କ୍ଷେତ୍ରରେ ଏହି କମ୍ପାନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏହାଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସଂପୃକ୍ତ ଅଞ୍ଚଳର ସାମାଜିକ ଅର୍ଥନୈତିକ ବିକାଶ ହୋଇପାରିବ ।

# ପିଏମ୍-ଭୁପେନ

ପ୍ରଧାନମନ୍ତ୍ରୀ ଗତ ସଂଧ୍ୟାରେ ଭାରତରତ୍ନ ଭୂପେନ ହଜାରିକାଙ୍କ ୧୦୦ତମ ଜନ୍ମ ଶତବାର୍ଷିକୀରେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ମୋଦୀ କହିଥିଲେ ଭୂପେନ ହଜାରିକାଙ୍କ ସଂଗୀତ ଭାରତବର୍ଷକୁ ଏକତା ସୂତ୍ରରେ ବାନ୍ଧି ରଖିବା ସହ ଲୋକମାନଙ୍କୁ ଶକ୍ତି ପ୍ରଦାନ କରିଛି । ସେ କହିଥିଲେ ଭୂପେନ ହଜାରିକାଙ୍କ ଜୀବନର ପ୍ରତ୍ୟେକଟି ପଦକ୍ଷେପ ତାଙ୍କ ସଂଗୀତ ମାଧ୍ୟମରେ ପ୍ରତିଫଳିତ ହୋଇଥିଲା । ଏକ ଭାରତ ଶ୍ରେଷ୍ଠ ଭାରତ ବିଷୟ ସ୍ମରଣ କରି ଶ୍ରୀ ମୋଦୀ କହିଥିଲେ ମାତୃଭୂମିକୁ ଭଲପାଇବାର ନିର୍ଯ୍ୟାସ ସ୍ୱରୂପ ତାଙ୍କ ସଂଗୀତଗୁଡ଼ିକ ଆଜି ବି ଲୋକପ୍ରିୟ । ଭାରତର ବିକାଶ ଯାତ୍ରାରେ ଭୂପେନ ହଜାରିକାଙ୍କ ଗୀତ ଏବଂ ସ୍ୱର ସବୁବେଳେ ପ୍ରେରଣାଦାୟକ ହୋଇ ରହିବ ବୋଲି ଶ୍ରୀ ମୋଦୀ କହିଥିଲେ । ଡକ୍ଟର ହଜାରିକାଙ୍କୁ ଭାରତରତ୍ନରେ ସମ୍ମାନିତ କରିବା କେବଳ ଉତ୍ତରପୂର୍ବାଞ୍ଚଳ ନୁହେଁ ବରଂ ସାରା ଦେଶ ପାଇଁ ଏକ ଗର୍ବର ବିଷୟ । ଏହି ଅବସରରେ ଶ୍ରୀ ମୋଦୀ ଦେଶ ମଧ୍ୟରେ ବିକାଶ କ୍ଷେତ୍ରରେ ସାଂସ୍କୃତିକ ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ।

ସେ କହିଥିଲେ ଦେଶର ଅର୍ଥନୈତିକ ବିକାଶ ଲାଗି ରେଳ ଏବଂ ରାସ୍ତା ସଂଯୋଗୀକରଣ ଯେତିକି ଗୁରୁତ୍ୱପୂର୍ଣ୍ଣ, ଦେଶର ଜନସାଧାରଣଙ୍କୁ ଏକତା ସୂତ୍ରରେ ବାନ୍ଧିରଖିବା ଲାଗି ସାଂସ୍କୃତିକ ସଂଯୋଗୀକରଣ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଉତ୍ତର-ପୂର୍ବାଞ୍ଚଳର ବିକାଶକୁ ବାଦ୍ ଦେଇ ଭାରତର ବିକାଶ ବିଷୟ ଚିନ୍ତା କରିହେବ ନାହିଁ । କେନ୍ଦ୍ର ସରକାର ସାଂସ୍କୃତିକ

ସଂଯୋଗୀକରଣକୁ ଅଗ୍ରାଧିକାର ଦେଇ ଉତ୍ତର ପୂର୍ବାଞ୍ଚଳର ଇତିହାସ ଓ ଐତିହ୍ୟକୁ ଦେଶବାସୀଙ୍କ ନିକଟରେ ପହଞ୍ଚାଇଛନ୍ତି ।

**V/O (PM on Bhupen)**

ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ୧୦୦ଟଙ୍କିଆ ମୁଦ୍ରା ଓ ଭୂପେନ ହଜାରିକାଙ୍କ ଜୀବନୀ ସମ୍ବଳିତ ପୁସ୍ତକ ଲୋକାର୍ପଣ କରିଥିଲେ । ଏହି ଜୀବନୀ ପୁସ୍ତକ ୨୧ଟି ଭାଷାରେ ଅନୁଦିତ ହୋଇଛି ।

**V/O (PM Modi on Bhupen Da)**

# ଏଲ୍‌ଏସ୍‌-ଓ୍ୱିମେନ୍ କନ୍‌ଫରେନ୍ସ

ଆନ୍ଧ୍ରପ୍ରଦେଶର ତିରୁପତି ସହରରେ ସଂସଦ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭାରେ ମହିଳା ସଶକ୍ତିକରଣ କମିଟିର ଦୁଇଦିନିଆ ସମ୍ମିଳନୀକୁ ଆଜି ଲୋକସଭା ବାଚସ୍ପତି ଓମ୍ ବିର୍ଲା ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଉଦ୍‌ଘାଟନ କରିବେ । ଏହି ଅବସରରେ ଶ୍ରୀ ବିର୍ଲା ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଏକ ଶୋଭେନିୟର ଉନ୍ମୋଚନ କରିବେ ।

ରାଜ୍ୟସଭା ଉପାଧ୍ୟକ୍ଷ, ଆନ୍ଧ୍ରପ୍ରଦେଶ ବିଧାନ ପରିଷଦ ଅଧ୍ୟକ୍ଷ ଓ ବିଧାନସଭାର ବାଚସ୍ପତି, ସଂସଦ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକରେ ଥିବା ବିଧାସଭାର ମହିଳା ସଶକ୍ତିକରଣ କମିଟିର ଅଧ୍ୟକ୍ଷ ଓ

ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରାୟ ଶହେରୁ ଅଧିକ ପ୍ରତିନିଧି ମଧ୍ୟ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । ତିରୁପତିରେ ପ୍ରଥମଥର ଲାଗି ଏଭଳି ଜାତୀୟସ୍ତରୀୟ ସମ୍ମିଳନୀ ଆୟୋଜିତ ହେଉଛି । ସମ୍ମିଳନୀରେ ମହିଳାମାନଙ୍କୁ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସଶକ୍ତ କରି ସେମାନେ କିଭଳି ନେତୃତ୍ୱ ନେଇପାରିବେ ତାହା ଉପରେ ଧ୍ୟାନ ଦିଆଯିବ ।

# ହିନ୍ଦୀ ଦିବସ

ସାରା ଦେଶରେ ଆଜି ହିନ୍ଦୀ ଦିବସ ପାଳନ କରାଯାଉଛି । ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀକୁ ଦେଶର ସରକାରୀ ଭାଷା ଭାବରେ ଗ୍ରହଣ କରିଥିଲା । ଆଜିର ସମୟରେ ବିଶ୍ୱର ବହୁଳ ଭାବରେ କଥିତ ଭାଷା ମଧ୍ୟରୁ ହିନ୍ଦୀ ଗୋଟିଏ ଲୋକପ୍ରିୟ ଭାଷା ପାଲଟିଛି ଏବଂ ୫୨କୋଟିରୁ ଅଧିକ ଲୋକଙ୍କ ଏହା ପ୍ରଥମ ଭାଷା ରୂପେ ବ୍ୟବହାର କରାଯାଇଛି ।

ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଗୁଜୁରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରରେ ପଞ୍ଚମ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀର ଉଦ୍‌ଘାଟନ କରିବେ । ଏହି ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ

ବିଭିନ୍ନ ବିଭାଗର ୭ହଜାରରୁ ଅଧିକ କର୍ମଚାରୀ ଭାଗନେବେ । ସମ୍ମିଳନୀରେ ଅପରେସନ ସିନ୍ଦୂର ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ । ସରକାରୀ ଭାଷା ବିଭାଗର ସଚିବ ଅଂଶୁଲି ଆର୍ଯ୍ୟ କହିଛନ୍ତି ଏହି ଦୁଇଦିନିଆ ସମ୍ମିଳନୀର ଲକ୍ଷ୍ୟ ହେଉଛି ହିନ୍ଦୀ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷା ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ।

## ଶ୍ରୀଲଙ୍କା ପ୍ରୋଟେଷ୍ଟ ଟାରିଫ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଶ୍ରୀଲଙ୍କା ଉପରେ ଲାଗୁ କରାଯାଇଥିବା ଶୁଳ୍କକୁ ନେଇ ସେଠାକାର ଶହଶହ ବୟନଶିଳ୍ପ ଶିଳ୍ପ ଶ୍ରମିକ କଲମ୍ବୋରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପୂର୍ବରୁ ଶ୍ରୀଲଙ୍କା ଉପରେ ଲାଗୁ କରାଯାଇଥିବା ୪୪ ପ୍ରତିଶତ ଶୁଳ୍କକୁ ୨୦ ପ୍ରତିଶତକୁ ହ୍ରାସ କରାଯାଇଥିଲା । ଶ୍ରୀଲଙ୍କାରେ ୟୁନିଫର୍ମଠାରୁ ଆରମ୍ଭ ବିଭିନ୍ନ ପର୍ବପର୍ବାଣି ପାଇଁ ପୋଷାକ ପ୍ରସ୍ତୁତ କରୁଥିବା ଶିଳ୍ପ ସଂଘ ପକ୍ଷରୁ କୁହାଯାଇଛି ଅଧିକ ଶୁଳ୍କ ଲାଗୁ ହେବା ଫଳରେ ଉତ୍ପାଦନ ହ୍ରାସ ପାଇଛି । ଏ କ୍ଷେତ୍ରରେ କାର୍ଯ୍ୟକରୁଥିବା ୧୬ହଜାର ଲୋକ ସେମାନଙ୍କ ଜୀବିକା ହରାଇବା ପରିସ୍ଥିତି ଦେଖାଦେଇଛି । ଗତ ଅଗଷ୍ଟରେ ଆମେରିକା ଦ୍ୱାରା ଲାଗୁ

ହୋଇଥିବା ଶୁଳ୍କ ହ୍ରାସ ପାଇବା ପରେ ଶ୍ରୀଲଙ୍କା ବାଂଲାଦେଶ ଏବଂ ଭିଏତ୍‌ନାମ ସହ ପୋଷାକ ରପ୍ତାନୀ କ୍ଷେତ୍ରରେ ପ୍ରତିଯୋଗିତା କରିପାରିବ ବୋଲି କୁହାଯାଇଥିଲା । ଏବେ ଏହି ଶୁଳ୍କହାର ୨୦ ପ୍ରତିଶତରୁ ହ୍ରାସ ପାଇଲେ ଶ୍ରୀଲଙ୍କାର ବୟନଶିଳ୍ପ ତିଷ୍ଠି ପାରିବ ବୋଲି କୁହାଯାଇଛି ।

## ବୈଷ୍ଣୋଦେବୀ ଯାତ୍ରା ପୋଷ୍ଟପଣ୍ଡ

ଜାମ୍ମୁ-କାଶ୍ମୀରରେ ଶ୍ରୀମାତା ବୈଷ୍ଣୋଦେବୀ ଯାତ୍ରା ଆଜି ଆରମ୍ଭ ହେବାକୁ ଥିଲେ ମଧ୍ୟ ରିଆସି ଅଞ୍ଚଳରେ ପୁଣି ବର୍ଷା ହେବାରୁ ଯାତ୍ରାକୁ ସ୍ଥଗିତ ରଖାଯାଇଛି । ଶ୍ରୀ ମାତା ବୈଷ୍ଣୋଦେବୀ ମନ୍ଦିର ବୋର୍ଡ ଗତକାଲି ସାମାଜିକ ଗଣମାଧ୍ୟମରେ ଯାତ୍ରା ସ୍ଥଗିତ ରହିବା ନେଇ ସୂଚନା ଦେଇଥିଲେ । ଗତମାସ ୨୬ତାରିଖରୁ ପ୍ରବଳ ବର୍ଷା ଓ ଭୂ-ସ୍ଖଳନ ଯୋଗୁଁ ଏହି ଯାତ୍ରାକୁ ସ୍ଥଗିତ ରଖାଯାଇଛି । ମନ୍ଦିର ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି ତୀର୍ଥଯାତ୍ରୀମାନଙ୍କୁ ଯାତ୍ରା ସମ୍ବନ୍ଧରେ ଟିକିନିଖି ବିବରଣୀ ପ୍ରଦାନ କରାଯାଉଛି । ପରିସ୍ଥିତି ଉପରେ ନଜର ରଖାଯାଇଛି । ତେଣୁ ତୀର୍ଥଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯାତ୍ରା ସ୍ଥଗିତ ରଖାଯାଇଛି ।

## ନଡ୍ଡା-ଏମ୍ସ୍‌ଦିଶା

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କୃତ୍ରିମ ବୁଦ୍ଧିମତା ଆଧାରିତ ଇନ୍‌ଡୋର ନାଭିଗେସନ ଆପ୍ ଦିଶାର ଶୁଭାରମ୍ଭ କରିଛନ୍ତି । ଏହି ଆପ୍ ଜରିଆରେ ରୋଗୀ, ପରିଦର୍ଶକ ଏବଂ କର୍ମଚାରୀ ହସ୍ପିଟାଲ ପରିଦର୍ଶନ କରିବା ସହଜ ହେବ । ହସ୍ପିଟାଲ କ୍ୟାମ୍ପ ସମୟରେ ପ୍ରକୃତ ସମୟରେ କେଉଁ ସ୍ଥାନକୁ ଯିବାକୁ ହେବ ସେ ସମ୍ପର୍କରେ ଏହି ଆପ୍ ଜରିଆରେ ସୂଚନା ମିଳିପାରିବ । ଏମ୍ସ ଦିଶା ଆପ୍‌ରେ ବ୍ଲୁଟୁଥ୍ ସମ୍ବନ୍ଧିତ ଜ୍ଞାନକୌଶଳ ବ୍ୟବହାର କରାଯାଇଛି । ଯାହା ପ୍ରତ୍ୟେକ ସମୟରେ ପରିଦର୍ଶକଙ୍କୁ ସେମାନେ ଚଳପ୍ରଚଳ କରୁଥିବା ସ୍ଥାନର ସୂଚନା ଯୋଗାଇ ଦେବ । ଫଳରେ ପରିଦର୍ଶକମାନେ ସହଜରେ ଡାକ୍ତରଙ୍କର କ୍ୟାବିନ୍ ଖୋଜି ପାଇପାରିବେ ଏବଂ ଅତ୍ୟଧିକ ଭିଡ଼ କ୍ଷେତ୍ରରେ କର୍ମଚାରୀଙ୍କ ତୁଳନାରେ ଏହି ଆପ୍ ଅଧିକ ସହାୟକ ହେବ । ବିଶେଷକରି ରୋଗୀମାନଙ୍କ କ୍ଷେତ୍ରରେ ତ୍ୱରିତ ସେବା ହାସଲ କରିବା ପାଇଁ ଏହା ଦ୍ରୁତ ସେବା ପ୍ରଦାନ କରିବ ବୋଲି କୁହାଯାଇଛି ।

## ପିଏଫ୍ଆଇ ବିହାର ପ୍ରେସିଡେଣ୍ଟ-ଏନ୍ଆଇଏ

ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏ ପ୍ରତିବନ୍ଧିତ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ ଦଳର ବିହାର ଶାଖାର ରାଜ୍ୟ ସଭାପତିଙ୍କୁ ଗିରଫ କରିଛି । ୨୦୨୨ ମସିହାରେ ସଂଗଠିତ ଫୁଲୱାରୀ ସରିଫ ଅପରାଧିକ ଷଡ଼ଯନ୍ତ୍ର ମାମଲାରେ ଏହି ଗିରଫଦାରୀ କରାଯାଇଥିବା ଜଣାପଡିଛି । ଏନ୍ଆଇଏ କିଶନଗଞ୍ଜାରୁ ମହବୁବ ଆଲମ ନାମକ ବ୍ୟକ୍ତିକୁ ଗିରଫ କରିଛି । ଏହି ଘଟଣାରେ ସେ ୧୯ତମ ଅଭିଯୁକ୍ତ । ସ୍ଥାନୀୟ ପୁଲିସ ଫୁଲୱାରୀ ସରିଫ ମାମଲାରେ ୨୬ଜଣଙ୍କ ବିରୋଧରେ ଏତଲା ଦାୟର କରିଥିଲା । ଏନ୍ଆଇଏ ପକ୍ଷରୁ ଏହି ଘଟଣାରେ ଅଧିକ ଅନୁସନ୍ଧାନ ଜାରି ରହିଛି ।

## କ୍ରିକେଟ : ଏସିଆ କପ୍

ଏସିଆ କପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ସଂଧ୍ୟାରେ ଗ୍ରୁପ୍-ଏର ଏକ ଟି୨୦ ମ୍ୟାଚ୍‌ରେ ଭାରତ-ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ଦୁବାଇରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଚଳିତବର୍ଷ ଫେବୃୟାରୀ ପରେ ପ୍ରଥମଥର ପାଇଁ ଉଭୟ ଟିମ୍ ମୁହାଁମୁହିଁ ହେବେ । ଗତ ଶୁକ୍ରବାର ଦିନ ଅନୁଷ୍ଠିତ ମ୍ୟାଚ୍‌ରେ ପାକିସ୍ତାନ ୯୩ ରନ୍‌ରେ ଓମାନକୁ ପରାସ୍ତ କରିଥିବାବେଳେ ଭାରତ ତାହା ପୂର୍ବରୁ ୟୁଏଇକୁ

୯ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା । ଗତକାଲି ଗ୍ରୁପ୍-ବିର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୬ ଓ୍ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ୍ ହରାଇ ଶହେ ଅଣଚାଳିଶ ରନ୍ କରିଥିଲା । ଏହାର ଜବାବରେ ଶ୍ରୀଲଙ୍କା ୧୪ଓଭର ୪ଟି ବଲ୍‌ରେ ମାତ୍ର ୪ଟି ଓ୍ୱିକେଟ୍ ହରାଇ ବିଜୟଲକ୍ଷ୍ୟ ହାସଲ କରିଥିଲା ।

# ହକି

ହକିରେ ଆଜି ସଂଧ୍ୟାରେ ହାଙ୍ଗଜୋଠାରେ ଏସିଆ କପ୍ ଟାଇଟଲ ମୁକାବିଲାରେ ଭାରତ-ଚୀନ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସଂଧ୍ୟା ୫ଟା ୩୦ରେ ମ୍ୟାଚ୍ ଆରମ୍ଭ ହେବ । ଗତକାଲି ସୁପର ଫୋର୍ ପର୍ଯ୍ୟାୟ ମୁକାବିଲାରେ ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ରେ ଅମୀମାଂସୀତ ରହିଥିଲା । ଅନ୍ୟଏକ ସୁପର ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ଚୀନ୍ ୧-୦ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା । ଫଳରେ ଭାରତ ଫାଇନାଲରେ ପହଞ୍ଚିଥିଲା । ଭାରତ ଦକ୍ଷିଣ କୋରିଆକୁ ୪-୨ଗୋଲ୍‌ରେ ପରାସ୍ତ କରି ସୁପର ଫୋର୍ ପର୍ଯ୍ୟାୟ ଆରମ୍ଭ କରିଥିଲେ ମଧ୍ୟ ଚୀନ୍‌ଠାରୁ ପରାସ୍ତ ହୋଇଥିଲା ।

# କ୍ରିକେଟ : ଇଣ୍ଡିଆ-ଅଷ୍ଟ୍ରେଲିଆ ସିରିଜ୍

ମହିଳା କ୍ରିକେଟ୍‌ରେ ଭାରତ' ଅଷ୍ଟ୍ରେଲିଆ ମଧ୍ୟରେ ଆଜି ନୂଆ ଚଣ୍ଡିଗଡରେ ତିନିମ୍ୟାଚ୍ ବିଶିଷ୍ଟ ଦିନିକିଆ କ୍ରିକେଟ୍ ସିରିଜ୍ ଆରମ୍ଭ ହେବ । ଆସନ୍ତା ୩୦ ତାରିଖରୁ ଗୌହାଟୀରେ ହେବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ଘରୋଇ ଆଇସିସି କ୍ରିକେଟ୍ ବିଶ୍ୱକପ୍ ପାଇଁ ଏହାକୁ ପ୍ରସ୍ତୁତି ଭାବେ ବିବେଚନା କରାଯାଉଛି । ଆଜି ଅପରାହ୍ଣ ଗୋଟାଏ ୩୦ ମିନିଟ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମହିଳା ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଆରମ୍ଭ ହେବ । ଭାରତୀୟ ଦଳରେ ଦୀର୍ଘଦିନ ପରେ ରେଣୁକା ସିଂହ ସାମିଲ ହୋଇଛନ୍ତି । ଚଳିତବର୍ଷ ଭାରତୀୟ ମହିଳା ଦଳ ୧୧ଟି ଦିନିକିଆ ମଧ୍ୟରୁ ୯ଟିରେ ବିଜୟ ହାସଲ କରିଛି ।